## ଫର୍ମ II

( ନିୟମ 7 ଦ୍ରଷ୍ଟବ୍ୟ )

## ଦାବି ଓ ଆପତ୍ତି ଦାଏର କରିବା ପାଇଁ ନୋଟିସ୍

.....ଯାଜପୁର... ପୌର ପାଳିକା / ଅଧିସୂଚିତ କ୍ଷେତ୍ର ପରିଷଦର ୱାର୍ଡ ନଂ. ..୦୧ ରୁ ୧୮.....ର ଭୋଟଦାତା ମାନଙ୍କର ପ୍ରାଥମିକ ଭୋଟର ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଯଥାବିଧି ପ୍ରକାଶ କରାଯାଉଅଛି।

ଯେଉଁ ବ୍ୟକ୍ତିଙ୍କ ବୟସ ତା .୦୧।୦୧।୨୦୨୨ .ରିଖ ଦିନ ୧୮ ବର୍ଷରୁ କମ୍ ହୋଇନଥିବ ଏବଂ ସେ ଭୋଟଦାତା ହେବାପାଇଁ ଅନ୍ୟଥା ଅଯୋଗ୍ୟ ହୋଇନଥିବେ, ସେ ତାଙ୍କ ନାମ ଏହି ତାଲିକାରେ ଦରଜ କରାଇବାକୁ ହକ୍‌ଦାର ହେବେ।

ଯେଉଁ ବ୍ୟକ୍ତି ଏହି ତାଲିକାରେ ତାଙ୍କ ନାମ ଦରଜ କରାହେବାପାଇଁ ଦାବି କରୁଥିବେ ଏବଂ ଯାହାଙ୍କ ନାମ ଏଥିରେ ଦରଜ କରାଯାଇନଥିବ କିମ୍ବା ସଠିକ୍ ସ୍ଥାନରେ ଦରଜ କରାଯାଇନଥିବ ବା ଭୁଲ୍ ବିବରଣୀ ସହ କରାଯାଇଥିବ, ସେ ତାଙ୍କ ନାମ ଦରଜ କରାଇବା ପାଇଁ ବା ତାଲିକା ସଂଶୋଧନ କରାଇବା ପାଇଁ ନିର୍ବାଚନ ଅଧିକାରୀଙ୍କ ଠାରେ ତାଙ୍କର ଦାବି ଉପସ୍ଥାପନ କରିପାରିବେ।

ଯେଉଁ ବ୍ୟକ୍ତିଙ୍କ ନାମ ଏହି ତାଲିକାଭୁକ୍ତ ହୋଇଥିବ ଏବଂ ତାଙ୍କର ତାଲିକାଭୁକ୍ତ ନାମର ସଠିକତା ସଂକ୍ରାନ୍ତରେ ଆପତ୍ତି କରିବାକୁ ଥିବ ବା ତାଙ୍କ ନିଜ ନାମ କିମ୍ବା ତାଲିକାରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମ ଅନ୍ତର୍ଭୁକ୍ତ ହୋଇଥିବା ସମ୍ବନ୍ଧରେ ଆପତ୍ତି କରାଇବାକୁ ଥିବ, ସେ ତାଙ୍କର ଆପତ୍ତି ନିର୍ବାଚନ ଅଧିକାରୀଙ୍କ ଠାରେ ଦାଖଲ କରିପାରିବେ।

ଦାବିଗୁଡ଼ିକ ଫାରମ III ଓ ଆପତ୍ତିଗୁଡ଼ିକ ଫାରମ IVରେ ଦାଖଲ କରାଯିବ। ଦରଖାସ୍ତକାରୀଙ୍କୁ ଫାରମଗୁଡ଼ିକର କପି ବିନାମୂଲ୍ୟରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଯୋଗାଇ ଦିଆଯିବ।

ଦାବି ଓ ଆପତ୍ତି ଗୁଡ଼ିକ ବ୍ୟକ୍ତିଗତ ଭାବେ ଦାଖଲ କରାଯାଇ ପାରିବ କିମ୍ବା ଡାକଯୋଗେ ବା ବାର୍ତ୍ତାବାହକଙ୍କ ଦ୍ୱାରା ପଠାଯାଇ ପାରିବ। ସମସ୍ତ କ୍ଷେତ୍ରରେ ଏଗୁଡ଼ିକ ନିର୍ବାଚନ ଅଧିକାରୀଙ୍କ ଏହି ଠିକଣାରେ ................
....ନିର୍ବାଚନ ଅଧିକାରୀ, ଯାଜପୁର ପୌରପାଳିକା, ଯାଜପୁର..........
..................................(ବିଶଦ ଠିକଣା ପ୍ରଦାନ କରନ୍ତୁ)
ତା .୧୨।୦୨।୨୦୨୨... ରିଖ ସୁଦ୍ଧା କାର୍ଯ୍ୟ ଦିବସର ଧାର୍ଯ୍ୟ ସମୟ ମଧ୍ୟରେ ପହଞ୍ଚିବା ଆବଶ୍ୟକ।

ବ୍ୟକ୍ତିଗତଭାବେ ଅଥବା ବାର୍ତ୍ତାବାହକଙ୍କ ଦ୍ୱାରା ଦାଖଲ କାର୍ଯ୍ୟ କେବଳ କାର୍ଯ୍ୟ ଦିବସର ଧାର୍ଯ୍ୟ ସମୟ ମଧ୍ୟରେ କରାଯିବ।

ଯେଉଁ ଦାବି ଓ ଆପତ୍ତିମାନ ଉପଯୁକ୍ତ ଫାରମରେ ଦାଖଲ କରାଯାଇନଥିବ କିମ୍ବା ଉପରୋକ୍ତ ତାରିଖ ଓ ସମୟ ମଧ୍ୟରେ କରାଯାଇନଥିବ, ସେଗୁଡ଼ିକୁ ଅଗ୍ରାହ୍ୟ କରାଯିବ।

ଯଥାସମୟରେ ଓ ଉଚିତ ଫାରମ ମାଧ୍ୟମରେ ପ୍ରାପ୍ତ ସମସ୍ତ ଦାବି ଓ ଆପତ୍ତିର ଶୁଣାଣି ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ତା .୧୮।୦୨।୨୦୨୨... ରିଖରେ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ... ସ୍ଥାନରେ କରାହେବ।

ନିର୍ବାଚନ ଅଧିକାରୀ 10.7.2022
ନିର୍ବାଚନ ଅଧିକାରୀ
ତାରିଖ .. ଯାଜପୁର, ପୌରପାଳିକା

OGP-MP-DTP-U1 (S.E.C.) 109-7,000-27-11-2021

ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ୨
[illegible]